


# ତୁଳସୀପତ୍ରରୁ ତେଲ ଉତ୍ପାଦନ

**ନବରଙ୍ଗପୁର,୧୯।୩(ବି.ପ୍ର)**

ନବରଙ୍ଗପୁର ଜିଲାରେ ପ୍ରଥମ ଥର ପାଇଁ ତୁଳସୀ ପତ୍ରରୁ ତେଲ ଉତ୍ପାଦନ ପରୀକ୍ଷାମୂଳକ ଭାବେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧି ଫସଲ ସଂସ୍ଥାନ ପକ୍ଷରୁ ଜିଲାରେ ପାପଡାହାଣ୍ଡି ବ୍ଲକର ନିଳାଦ୍ରୀଗୁଡାର ଚାଷୀ ଆରତୀ ନାୟକଙ୍କ ଜମିରୁ ତୁଳସୀପତ୍ରରୁ ତେଲ ବାହାର କରାଯାଇଛି। ସିମ ସୋମ୍ୟା କିସମର ତୁଳସୀ ତେଲ ସୁଗନ୍ଧିତ ଧୂପକାଠିରେ ବ୍ୟବହାର ହୋଇପାରିବ ବୋଲି ସିମାପର ପ୍ରଧାନ ବୈଜ୍ଞାନିକ ଡଃ ପ୍ରଶାନ୍ତ ରାଉତ ପ୍ରକାଶ କରିଛନ୍ତି। ଏହା ଲିଟର ପିଛା ୧ହଜାର ଟଙ୍କାରେ ବିକ୍ରି ହୋଇପାରିବ ବୋଲି ସେ କହିଛନ୍ତି । ନବରଙ୍ଗପୁର ଜିଲାରେ ସିମ ସୋମ୍ୟା କିସମର ତୁଳସୀ ବିମାଳିଗୁଡା, ସରୁଗୁଡା ଓ ନିଳାଦ୍ରିଗୁଡାରେ ପରୀକ୍ଷାମୂଳକ ଭାବେ ଚାଷ କରାଯାଇଛି । ତେଲ ଉତ୍ପାଦନ କାର୍ଯ୍ୟକ୍ରମରେ ମୁଖ୍ୟ କୃଷି ଜିଲା ଅଧିକାରୀ ବ୍ରଜକିଶୋର ଲେଙ୍କା, ଜିଲା କୃଷି ଅଧିକାରୀ ଦେବପ୍ରସାଦ ଦାଶ, ଚାଷୀ ଆରତୀ ନାୟକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଷେତ୍ର ସହାୟିକା ରୀତା ବିର୍ଡିଆ ପରିଚାଳନା କରିଥିଲେ।ନବରଙ୍ଗପୁର ଜିଲାରେ ଚାଲିଥିବା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଜ୍ଞାନକୌଶଳ ମାଧ୍ୟମରେ ସାମାଜିକ ଓ ଆର୍ଥିକ ଉନ୍ନତି କାର୍ଯ୍ୟକ୍ରମ ଦ୍ୱାରା ଏହା କରାଯାଇଛି।


ତୁଳସୀ ପତ୍ରରୁ ପ୍ରସ୍ତୁତ ତେଲ ।


ତେଲ ପ୍ରସ୍ତୁତ ପ୍ଲାଣ୍ଟକୁ ଅଧିକାରୀପରିଦର୍ଶନ କରୁଛନ୍ତି ।

## ବଜ୍ରପାତରେ ବାଳକ ମୃତ

**ପାପଡାହାଣ୍ଡି/ମଇଦଲପୁର, ୧୯।୩ (ଡି.ଏନ.ଏ)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଣ୍ଟାମାଳ ପଞ୍ଚାୟତ ବଟକରି ଗ୍ରାମରେ ଗୁରୁବାର ବଜ୍ରପାତ ହୋଇ ବିଦ୍ୟାଧର ଗୌଡ଼ (୧୫)ଙ୍କ ମୃତ୍ୟୁ ଘଟିଛି। ବିଦ୍ୟା ନିକଟସ୍ଥ ଜମି ନିକଟରେ ଗାଈ ଓ ମଇଁଷି ଚରାଉ ଥିଲେ । ଅପରାହ୍ନରେ ପବନ ସହ ବଜ୍ରପାତ ହୋଇଥିଲା । ଏଥିରେ ବିଦ୍ୟାଙ୍କ ସହ ଗୋଟିଏ ମଇଁଷିର ମୃତ୍ୟୁ ହୋଇଥିଲା । ପରିବାର ଲୋକ ପହଞ୍ଚି ପୋଲିସଙ୍କୁ ଖବର ଦେଇଥିଲେ।

## କୁଆପଥର ବୃଷ୍ଟି

**ଦାରିଙ୍ଗବାଡ଼ି,୧୯।୩(ଡି.ଏନ.ଏ)–** ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗୁରୁବାର ପ୍ରବଳ ବର୍ଷା ହୋଇଥିବାବେଳେ ଶ୍ରୀନିକେତା ପଞ୍ଚାୟତରେ କୁଆ ପଥର ବର୍ଷା ହୋଇଛି। ବହୁ ଲୋକଙ୍କ ଘରର ଛପର ନଷ୍ଟ ହେବା ସହ ପନିପରିବା ଓ ବିଭିନ୍ନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ଦୁଷ୍ମନ୍ତ ଦିଗାଳ, ନିନକେତନ ସାହୁ ପ୍ରମୁଖ କହିଛନ୍ତି।

## ଦାଦନ ଫେରନ୍ତା ଶ୍ରମିକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଦାବି

**ପାପଡାହାଣ୍ଡି, ୧୯।୩(ଡି.ଏନ.ଏ )**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରୁ କାମ ଅନେଷ୍ୱଣରେ ବାହାର ରାଜ୍ୟକୁ ଯାଇଥିବା ଦାଦନ ଶ୍ରମିକମାନେ କରୋନା ଯୋଗୁ ନିଜ ଗ୍ରାମକୁ ଫେରୁଛନ୍ତି ।ଏହି ଦାଦନ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଲାଗି ସାଧାରଣରେ ଦାବି ହେଉଛି । ସଚେତନତା ଅଭାବରୁ ଫେରୁଥିବା ଦାଦନ ଶ୍ରମିକମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରୁ ନାହାନ୍ତି।

ଆନ୍ଧ୍ର, କେରଳ ତେଲେଙ୍ଗାନା, କର୍ଣ୍ଣାଟକ, ଛତିଶଗଡ ଆଦି ଅଞ୍ଚଳକୁ ଶ୍ରମିକମାନେ ଦାଦନ କାମ କରିବାକୁ ଯାଇଥାନ୍ତି । ତେବେ କରୋନା ଯୋଗୁ ଦାଦନ ଶ୍ରମିକ ମାନଙ୍କୁ ସେମାନଙ୍କ ଗ୍ରାମକୁ ଫେରାଇ ଦିଆଯାଇଛି । ଦାଦନ ଶ୍ରମିକମାନେ ଘରକୁ ଫେରିବା ପରେ ଲୋକେ ସେମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ପରୀକ୍ଷା କରି ଲାଗି ପରାମର୍ଶ ଦେଉଛନ୍ତି। କିନ୍ତୁ ସଚେତନତା ଅଭାବରୁ ଦାଦନ ଶ୍ରମିକମାନେ ସ୍ୱାସ୍ଥ୍ୟ ପରୀକ୍ଷା କରୁ ନାହାନ୍ତି। ଅନ୍ୟ ପକ୍ଷରେ

### ସଚେତନତା ଅଭାବ

ଗ୍ରାମରେ ରହି ସମସ୍ତଙ୍କ ସହ ମିଳାମିଶା କରୁଛନ୍ତି । ବ୍ଲକର ତଣ୍ଡାଗୁଡା ଗ୍ରାମର କେତେ ଜଣ ଦାଦନ ଶ୍ରମିକ ଗୁରୁବାର ବସରୁ ଓହ୍ଲାଇ ନିକଟସ୍ଥ ଜଙ୍ଗଲ ଦେଇ ଗ୍ରାମକୁ ଯାଇଥିଲେ । ଯାହାକୁ ଦେଖି ଲୋକେ ପ୍ରତିବାଦ କରିଥିଲେ । କାହା ସହ ମିଳା ମିଶା ନ କରିବା ଲାଗି କହିଥିଲେ । ପରେ ସେମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ପରୀକ୍ଷା କରାଯାଇଥିଲା । ସେହିପରି ସିରିସି ପଞ୍ଚାୟତ ପାଳପୁର ଗ୍ରାମର ତିନି ଜଣ କେରଳ ଯାଇ ଆସିଥିବା ଖବର ପାଇ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ପହଞ୍ଚି ତାଙ୍କୁ ଅବଜରଭେସନରେ ରଖିଛନ୍ତି। ସେହିପର ଅନ୍ୟ କେତେକ ଗ୍ରାମରେ ଦାଦନ ଶ୍ରମିକ ମାନେ ଗତ କିଛି ଦିନ ହେଲା ଗ୍ରାମକୁ ଫେରି ସ୍ୱାସ୍ଥ୍ୟ ପରୀକ୍ଷା ନ କରି ଗ୍ରାମରେ ସମସ୍ତଙ୍କ ସହ ମିଳା ମିଶା କରୁଛନ୍ତି । ପ୍ରଶାସନ ତରଫରୁ ଶୀଘ୍ର ଗ୍ରାମ ଗୁଡିକୁ ଯାଇ ଫେରିଥିବା ଦାଦନ ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଦାବି ହୋଇଛି ।

## ଆଇଆଇଟି ଜାମ୍ ପରୀକ୍ଷା ୧୦୪ ସ୍ଥାନରେ ଶ୍ରୀକାନ୍ତ



**ନବରଙ୍ଗପୁର,୧୯।୩(ବି.ପ୍ର.)**

ଆଇଆଇଟି ଜଏଣ୍ଟ ଆଡମିସନ ଟେଷ୍ଟ ଫର ଏମଏସସି(ଜାମ) ପାଇଁ ଫେବୃୟାରୀ ୯ ତାରିଖରେ ପରୀକ୍ଷା ହୋଇଥିଲା। ଏଥିରେ ନବରଙ୍ଗପୁର ତାରିଣୀ ନଗର ଶ୍ରୀକାନ୍ତ ମହାରଣା ସର୍ବଭାରତ ସ୍ତରରେ ୧୦୪ ସ୍ଥାନରେ ରହିଛନ୍ତି। ଶହେ ମାର୍କରୁ ୬୦.୬୭ ପ୍ରତିଶତ ରଖିଛନ୍ତି ଶ୍ରୀକାନ୍ତ । ନବରଙ୍ଗପୁର ତାରିଣୀ ନଗର ପ୍ରଥମ ଲାଇନରେ ରହୁଥିବା ମା' ମଂଜୁଳା ମହାରଣା ଓ ବାପା ବାଳକୃଷ୍ଣ ମହାରଣାଙ୍କ ପୁଅ ଶ୍ରୀକାନ୍ତ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ତରୀୟ ଯୁକ୍ତ ତିନି ପଦାର୍ଥ ବିଜ୍ଞାନ ପରିକ୍ଷା ଫଳରେ ଶ୍ରୀକାନ୍ତ ପ୍ରଥମ ସ୍ଥାନ ହାସଲ କରିଥିବାରୁ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ୫୪ ତମ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯାଇଥିଲା ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୨୦ ମାର୍ଚ୍ଚ, ୨୦୨୦



## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ଟିକିରି,୧୯।୩: ରାୟଗଡ଼ା ଜିଲା ଟିକିରି ଥାନା ଅନ୍ତର୍ଗତ ହରିଡ଼ାଭଟା ଗ୍ରାମ ନିକଟରେ ବୁଧବାର ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଅଞ୍ଚଳରେ ବର୍ଷା ସହ ଘଡ଼ଘଡ଼ି ମାରିଥିଲା। ଫଳରେ ରେଳଲାଇନ୍‌ରେ କାମ କରିବାକୁ ଆସିଥିବା ଫଟାଗଡ଼ ଗ୍ରାମର ପାଇଲ କୁଲେଶିକା(୫୦) ଏବଂ ରତ୍ନାକର କୁଲେଶିକା(୨୫) ନିକଟସ୍ଥ ପାଳ ମଞ୍ଚା ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରାଘାତ ଯୋଗୁ ପାଇଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ରତ୍ନାକର ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ବଜ୍ରପାତ ଯୋଗୁ ପାଳ ମଞ୍ଚାରେ ନିଆଁ ଲାଗିଯାଇଥିବାବେଳେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

### ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର

ରାୟଗଡ଼ା ଅଫିସ,୧୯।୩: ରାୟଗଡ଼ା ସହରର ଡିଏଫଓ କଲୋନୀର ୫ମ ଲାଇନର ଏକ ଘରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି । ସେ ହେଲେ ସଚ୍ଚିଦାନନ୍ଦ ଦାସ । ସେ ଏଚ୍‌ପି ଗ୍ୟାସରେ ଜଣେ ଗ୍ୟାସ ଡେଲିଭରି ବୟ୍ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ରାତିରେ ତାଙ୍କ ସ୍ତ୍ରୀ ମେଡ଼ିକାଲ କାର୍ଯ୍ୟ ସାରି ସକାଳୁ ଫେରିବା ବେଳେ ସଚ୍ଚିଦାନନ୍ଦ ଫ୍ୟାନରେ କପଡ଼ା ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ । ଏନେଇ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃଦହେଦ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ରାୟଗଡ଼ା ଟାଉନ ଥାନାର ସୌମ୍ୟ ରଞ୍ଜନ ପତି ପ୍ରକାଶ କରିଛନ୍ତି ।

### ବେଆଇନ ବାଲିଚାଲାଣ, ୫ ଗାଡ଼ି ଜବତ

ଗୁଣପୁର,୧୯।୩(ଡି.ଏନ.ଏ): ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ବଂଶଧାରା ନଦୀରୁ ବେଆଇନ ଭାବେ ଚାଲାଣ ହେଉଥିବା ବାଲି ବୋଝେଇ ୫ ଗାଡ଼ିକୁ ଜବତ କରିଛନ୍ତି । ବୁଧବାର ରାତିରେ ବଂଶଧାରା ନଦୀରୁ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିବା ଉପଜିଲାପାଳ ଖବର ପାଇ ଚଢାଉ କରି ୨ ଟ୍ରକକୁ ଜବତ କରିଥିଲେ । ଏହି ଗାଡ଼ିର ମାଲିକ ଆସି ନ ଥିବାରୁ ଜରିମାନା ଆଦାୟ କରାଯାଇନାହିଁ । ସେହିପରି ବୁଧବାର ପୂର୍ବାହ୍ନରେ ୩ଟି ଟ୍ରାକ୍ଟରକୁ ଜବତ କରିଥିଲେ । ସେଗୁଡିକୁ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରଖାଯାଇଛି । ସେଥିରୁ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ।

### ଖାଲକୁ ଖସିଲା ଟ୍ରକ୍

ମୁନିଗୁଡା,୧୯।୩(ଡ଼ି.ଏନ.ଏ): ମୁନିଗୁଡା ଶହୀଦ ଲକ୍ଷ୍ମଣ ନାୟକ ଛକସ୍ଥିତ ରେଳ ଫାଟକ ନିକଟରେ ଏକ ଟ୍ରକ ଭାରସାମ୍ୟ ହରାଇ ଖାଲକୁ ଖସି ପଡ଼ିଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି । ମୁନିଗୁଡ଼ା ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ, କନଷ୍ଟେବଲ ନିରଞ୍ଜନ ଦାସ, ସନ୍ତୋଷ ପାଢ଼ୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଟ୍ରକଟି ରାୟଗଡା ପଟୁ ଆସୁ ଥିବା ବେଳେ ଭାରସାମ୍ୟ ହରାଇ ଏକ ଖାଲ ଭିତକୁ ଖସି ଯାଇଥିଲା ।

# ଜେସିବି ଆଗରେ ଶୋଇପଡ଼ିଲେ ମହିଳା

ଗୁଣପୁର,୧୯।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ମହିଳାବିଦ୍ୟାଳୟ ନିକଟସ୍ଥ ମୂଲ୍ୟବାନ ସରକାରୀ ଜମିରୁ ଗୁରୁବାର ବେଆଇନ ଜବରଦଖଲ ହଟାଇଛି ରାଜସ୍ୱ ବିଭାଗ। ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଛି। ତେବେ ଉଚ୍ଛେଦ ସମୟରେ ସେଠାରେ ଉତ୍ତେଜନା ଦେଖାଦେବା ସହ ମହିଳାମାନେ ଏହାକୁ ବିରୋଧ କରିଛନ୍ତି। ନିର୍ମାଣାଧୀନ ଘର ଭଙ୍ଗାଯିବା ପାଇଁ ଅଣାଯାଇଥିବା ଜେସିବି ଆଗରେ ସେମାନେ ଶୋଇପଡ଼ି ପ୍ରତିବାଦ ଜଣାଇଛନ୍ତି। ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣିନାହାନ୍ତି। ଫଳରେ ପୋଲିସ ଜନୈକ ମହିଳାଙ୍କୁ ଥାନାକୁ ଉଠାଇନେବା ପରେ ଜେସିବି ଲଗାଇ ନିର୍ମାଣାଧୀନ ଘର ଭଙ୍ଗାଯାଇଛି। ଉଚ୍ଛେଦ ବେଳେ ମହିଳାମାନେ କହିଥିଲେ ଯେ, ସେମାନେ ଗରିବ। ରହିବା ପାଇଁ ସେମାନେ ଘର ତିଆରି କରୁଛନ୍ତି। ତେଣୁ ସେମାନଙ୍କୁ ରହିବା ପାଇଁ ସ୍ଥାନ ଦିଆଯାଉ। ତହସିଲଦାର ସେମାନଙ୍କର

**ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା**



ଜବରଦଖଲକାରୀ ଜେସିବି ଆଗରେ ଶୋଇ ପଡ଼ିଛନ୍ତି ମହିଳା ।

ଏଭଳି ନିବେଦନ ଶୁଣିବା ପରେ କହିଥିଲେ ଯେ ଆଇନ ହିସାବରେ ଜମି ପାଇଁ ଆବେଦନ କର । ଜମି ପ୍ରଦାନରେ ସହାୟତା ସହ ଘର ବାନ୍ଧିବା ପାଇଁ ବ୍ଲକ ପ୍ରଶାସନ ସେମାନଙ୍କୁ ସାହାଯ୍ୟ କରିବ ।

ମହିଳା ମହାବିଦ୍ୟାଳୟ ନିକଟ ଗୁଣପୁର ମୌଜା ଅଧୀନ ୧ ଏକର ସରକାରୀ ଜମିରୁ ୦.୭୩ ସେଣ୍ଟ ଜମିକୁ ଗଜପତି ଜିଲା ରାୟଗଡ଼ ଥାନା କିଣ୍ଡିସାହି ନୀଳାମ୍ବର ଭୂୟାଁ ଜବରଦଖଲ କରିଛନ୍ତି। ସେଠାରେ ସେ କୋଠା ନିର୍ମାଣ କରୁଥିବା ତହସିଲଦାର ଜାଣିବା ପରେ ଉଚ୍ଛେଦ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ନୀଳାମ୍ବରଙ୍କୁ ନୋଟିସ ଯାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ଶେଷରେ ତହସିଲ ପ୍ରଶାସନ ଗୁରୁବାର ସେଠାରେ ପହଞ୍ଚି ଜବରଦଖଲ ଉଚ୍ଛେଦ କରିଥିଲା। ସେହିପରି ଗୁଣପୁର କଲେଜ ମରାଠିଗୁଡ଼ା ମୌଜା ହାଉସିଂବୋର୍ଡ କଲୋନି ନିକଟରେ ନିର୍ମିତ ୪ଟି ବେଆଇନ ଘର ମଧ୍ୟ ଭଙ୍ଗାଯାଇଥିଲା। ଉଲ୍ଲେଖଯୋଗ୍ୟ, ନୀଳାମ୍ବରଙ୍କ ନାଁରେ ପୂର୍ବରୁ ମଧ୍ୟ ମାମଲା ରହିଛି। ସେ ମହିଳା ମହାବିଦ୍ୟାଳୟ ନିକଟରେ ରହି ସାଗର ଜ୍ୟୋତି ନାମକ ହଷ୍ଟେଲ କରିଥିଲେ। ସେଠାରେ ସେ ପିଲାଙ୍କୁ ରଖି ବିଭିନ୍ନ ସରକାରୀ ସ୍କୁଲରେ ପାଠ ପଢ଼ାଉଥିଲେ। ୨୦୧୮ ଅଗଷ୍ଟ ୧୧ରେ ହଷ୍ଟେଲରେ ଏକ ଅଭାବନୀୟ ଘଟଣା ଘଟିଥିଲା। ୮ମ ଶ୍ରେଣୀର ଜଣେ ଛାତ୍ର କୁଲୁ ମଲ୍ଲିକଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ସେ ନିଜ ସାଥି ଗର୍ବେଶ ବୀର ଥାନାକୁ ଏତଲା ଦେବାକୁ ଯାଇଥିଲେ। ଗୁଣପୁର ଜେଲ୍‌ର ୱାର୍ଡେନ ସୁଶାନ୍ତ ପାତ୍ର ପିଲାଙ୍କଠାରୁ ନିର୍ଯାତନା କଥା ଜାଣିବା ପରେ ଗୁଣପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନୀଳାମ୍ବରଙ୍କ ନାଁରେ ମାମଲା ରୁଜୁ କରିଥିଲା। ଶିଶୁ ସୁରକ୍ଷା ଓ ଶିଶୁ ମଙ୍ଗଳ କମିଟି ଘଟଣାର ତଦନ୍ତ କରି ୧୦୨ ପିଲାଙ୍କୁ ରଖିବା ପାଇଁ ସେହି ସ୍ଥାନ ଉପଯୁକ୍ତ ନ ଥିବା କହିଥିଲେ। ପିଲାଙ୍କୁ ଖାଦ୍ୟ ଖାଇବାକୁ ଦିଆଯାଉ ନ ଥିବା ଓ ଶୌଚ ପାଇଁ ବାହାରକୁ ଯିବାକୁ କୁହାଯାଉଥିବା ଜଣାପଡ଼ିଥିଲା। ଏହି ଘଟଣା ପରେ ନୀଳାମ୍ବର ଫେରାର ହୋଇଯାଇଥିଲେ। ବର୍ତ୍ତମାନ ସେ ହିଁ ସରକାରୀ ଜମି ଜବରଦଖଲ କରି କୋଠା ନିର୍ମାଣ କରିଚାଲିଥିଲେ।

# ମଙ୍ଗଳ ବିଭାଗ କର୍ମଚାରୀଙ୍କୁ ସତର୍କ କଲେ ଜିଲାପାଳ

ରାୟଗଡ଼ା ଅଫିସ,୧୯।୩

କରୋନା ମୁକାବିଲା କରିବା ନିମନ୍ତେ ଜିଲାର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ କରାଯାଇଛି । ହେଲେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସମସ୍ତ ହଷ୍ଟେଲରେ ଛାତ୍ରୀଛାତ୍ର ରହି ପାରିବେ ବୋଲି କୁହାଯାଇଛି । ସେମାନଙ୍କ ରହିବା, ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ଦେବାକୁ ଗୁରୁବାର ସ୍ଥାନୀୟ ଆଇଟିଡ଼ିଏ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ରାୟଗଡ଼ାର ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକଙ୍କ ସମେତ ଜିଲାର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ବୈଠକରେ ବିଶେଷକରି ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା । ହାତ ଧୁଆ ଶିଖାଇବା , ସୁସ୍ଥ ବାତାବରଣ ରେ ସେମାନଙ୍କୁ ରଖିବା ,ଡ଼ାଇନିଂ , କିଚେନ ଓ ପାଇଖାନା ସଫା ସୁତୁରା ରଖିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କୁ ଗରମ ଖାଦ୍ୟ ଦେବା ସହ ସେମାନେ ଯେପରି ହଷ୍ଟେଲ ବାହାରକୁ ନ ଯିବେ ସେଥିପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ କୁହାଯାଇଛି । ରାଷ୍ଟ୍ରୀୟ ବାଲ ବିଭାଗ ସଂସ୍ଥା ଏହି ସବୁ ବିଦ୍ୟାଳୟର ଅନୁଧ୍ୟାନ କରିବେ ବୋଲି ଜିଲାପାଳ କହିଛନ୍ତି । ଏହାପରେ ଜିଲାପାଳ କୋଲନରା ବ୍ଲକ ଥେରୁବାଲିଠାରେ ଆୟୋଜିତ ଗ୍ରାମ ସଭାରେ ଯୋଗ ଦେଇଥିଲେ । ସେଠାରେ କରୋନା ନେଇ ଭୟଭୀତ ନ ହୋଇ ସଚେତନ ହୋଇ ଏହାର ମୁକାବିଲା କରିବାକୁ ଲୋକଙ୍କୁ ବୁଝାଇଥିଲେ ।

# ସଚେତନତା କାର୍ଯ୍ୟକ୍ରମ




ବିଧାୟକ ଏବଂ ଉପଜିଲାପାଳ ହାତ ଧୋଉଛନ୍ତି ।

ଗୁଣପୁର,୧୯।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ପୌର ପ୍ରଶାସନ ପକ୍ଷରୁ କରୋନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀ ଛକଠାରେ କରୋନା ପାଇଁ ହାତଧୁଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଧାୟକ ରଘୁନାଥ ଗମାଙ୍ଗ, ଉପଜିଲାପାଳ ତଥା ପୌର ପ୍ରଶାସକ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ରହି କରୋନାକୁ ଦୃଷ୍ଟିରେ ରଖି କିପରି ନିଜେ ସଚେତନ ରହିବେ,ସେଥିପାଇଁ ନିୟମିତ ହାତ ଧୋଇବା ନେଇ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀଅଧିକାରୀ ଉମା ପ୍ରସାଦ ଦାସ, ସ୍ୱାସ୍ଥ୍ୟ ବିଭାଗ ବି.ଛାୟାପତିଙ୍କ ସମେତ ପୌର ପରିଷଦ କର୍ମଚାରୀମାନେ ସହଯୋଗ କରିବା ସହ ସଚେତନ କରିଥିଲେ ।

# ବନ୍ଦ ହେଲା ମଝିଘରିଆଣୀ ମନ୍ଦିର

■ ମା'ଙ୍କ ଦର୍ଶନ କରି ନ ପାରି ନିରାଶ ହେଲେ ଶ୍ରଦ୍ଧାଳୁ



ମନ୍ଦିର ବନ୍ଦ ଯୋଗୁ ଶ୍ରଦ୍ଧାଳୁମାନେ ଫେରିଯାଉଛନ୍ତି ।

ରାୟଗଡ଼ା ଅଫିସ,୧୯।୩

କରୋନା ମୁକାବିଲା ନେଇ ରାୟଗଡ଼ା ଜିଲା ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡ଼ାର ଅଧିଷ୍ଠାତ୍ରୀ ମା' ମଝିଘରିଆଣୀଙ୍କ ଦର୍ଶନ ଗୁରୁବାରଠାରୁ ବନ୍ଦ କରାଯାଇଛି। ଫଳରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି ନ ପାରି ନିରାଶ ହୋଇ ଫେରିଛନ୍ତି। ଆନ୍ଧ୍ରପ୍ରଦେଶରୁ ଆସିଥିବା ଏନ. ଲକ୍ଷ୍ମୀ କହିଛନ୍ତି ଯେ, ପ୍ରତ୍ୟେକ ବର୍ଷ ମାର୍ଚ୍ଚରେ ସେ ପରିବାର ସହ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ହେଲେ କରୋନା ଲାଗି ପ୍ରଶାସନ ପକ୍ଷରୁ ମନ୍ଦିର ପ୍ରବେଶ ବନ୍ଦ କରାଯାଇଛି । ତେଣୁ ମା'ଙ୍କ ଦର୍ଶନ କରି ପାରିଲୁ ନାହିଁ। ପୁଣି ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ବୋଲି କହିଛନ୍ତି । ସେହିପରି କୋରାପୁଟ ଜିଲାରୁ ଆସିଥିବା ସଙ୍ଗୀତା ପଟ୍ଟନାୟକ କୁହନ୍ତି,୫ ବର୍ଷ ତଳେ କରିଥିବା ମାନସିକ ପୂରଣ ଓ ପୁଅର ମୁଣ୍ଡନ ଲାଗି ଏଠାକୁ ଆସିଥିଲୁ। ହେଲେ ମା'ଙ୍କ ଦର୍ଶନ କରି ନ ପାରି ଫେରିଯାଉଛୁ । ପ୍ରଶାସନର ଏପରି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ମନ୍ଦିରର ପୂଜକ ଚନ୍ଦ୍ର କହିଛନ୍ତି ।

ଅନ୍ୟପକ୍ଷରେ କରୋନାକୁ ଭୟ ନ କରି ସମସ୍ତେ ମିଳିମିଶି ମୁକାବିଲା କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ନିବେଦନ ମଧ୍ୟ କରାଯାଇଛି। ଏଥିଲାଗି ସହରର ଫିଲ୍ମ ହଲ, ଶିକ୍ଷାନୁଷ୍ଠାନ , ପ୍ରଶିକ୍ଷଣ କେନ୍ଦ୍ର, ପାର୍କ ଆଦି ବନ୍ଦ କରାଯାଇଛି। ହେଲେ ମଦ ଦୋକାନଗୁଡ଼ିକ ଖୋଲାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ସରକାରୀ ଘୋଷଣାକୁ ଅବମାନନା

# ବେଧଡ଼କ ଚାଲିଛି ପଲିଥିନ୍ କାରବାର

ଟିକିରି,୧୯।୩:

ପଲିଥିନ୍‌ର ବ୍ୟବହାରକୁ ସରକାର ନିଷେଧ ଘୋଷଣା କରିଛନ୍ତି। ହେଲେ ରାୟଗଡ଼ା ଜିଲାର କାଶୀପୁର ବ୍ଲକ୍‌ରେ ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ନଜରକୁ ଆସୁଛି। ଜନସାଧାରଣ ଓ ବ୍ୟବସାୟୀଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ବିଭିନ୍ନ ଅଞ୍ଚଳରେ ବେଧଡ଼କ ପଲିଥିନ୍ କାରବାର ଚାଲିଛି। ପଲିଥିନ୍ ବ୍ୟବହାର ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ଜୀବଜଗତ ଉପରେ ମଧ ମାରାତ୍ମକ ପ୍ରଭାବ ପଡୁଛି। ଅନେକ ସମୟରେ ଗାଈ ଓ କୁକୁର ପଲିଥିନ୍ ଖାଇ ଅସୁବିଧାରେ ପଡୁଥିବା ଦେଖିବାକୁ ମିଳୁଛି। ସେହିପରି ମାଟିତଳେ ପଲିଥିନ୍ ନଷ୍ଟ ନ ହୋଇ ଜମା ହୋଇ ରହୁଥିବାରୁ ଏହାର ବିଷାକ୍ତ ପ୍ରଭାବ ସିଧାସଳଖ ପରିବେଶ ଓ ଜୀବଜଗତ ଉପର ପଡୁଛି। ଏ ନେଇ ସରକାର ଓ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ ସମୟରେ ସଚେତନ କରାଗଲେ ମଧ କୌଣସି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। କେବଳ ଛୋଟ ଦୋକାନୀ ନୁହନ୍ତି, ଅଞ୍ଚଳର ପ୍ରମୁଖ ବ୍ୟବସାୟୀମାନେ ମଧ ଗ୍ରାହକଙ୍କୁ ପଲିଥିନ୍‌ରେ ବିଭିନ୍ନ ଜିନିଷ ଦେଉଥିବା ଦେଖିବାକୁ ମିଳୁଛି। ତେଣୁ ଅଞ୍ଚଳରେ ପଲିଥିନ୍ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀଙ୍କ ମଧରେ ଦାବି ହେଉଛି।

# ଭାଙ୍ଗିଲା ଚାଳଛପର: କୁଆପଥର ମାଡ଼ରେ ୩୫ ଆହତ

ଚନ୍ଦ୍ରପୁର,୧୯।୩:

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଗୁରୁବାର କୁଆପଥର ବର୍ଷା ହୋଇଥିଲା। ବ୍ଲକ୍‌ର ସାରିକିମା, ବିଜାପୁର ଓ ଚନ୍ଦ୍ରପୁର ପଞ୍ଚାୟତରେ କୁଆପଥର ମାଡ଼ ହୋଇଥିବାବେଳେ ଏଥିରେ ସାରିକିମା ଅଞ୍ଚଳରେ ବହୁ ଲୋକଙ୍କ ଚାଳ, ଆଜବେଷ୍ଟସ୍ ଭାଙ୍ଗିଯାଇଥିବା ଜଣାପଡ଼ିଛି। ସେହିପରି ଗେରେଙ୍ଗାଗୁଡ଼ା ଓ ସାରିକିମା ଗ୍ରାମର ୩୫ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଚାଷ କାମ ସାରି ଅପରାହ୍ନରେ ଘରକୁ ଫେରୁଥିବାବେଳେ ବଡ଼ ବଡ଼ କୁଆପଥର ମାଡରେ ଆହତ ହୋଇ ଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପରେ ଘରକୁ ସେମାନେ ଫେରିଥିବା ଡାକ୍ତର ସୂଚନା ଦେଇଛନ୍ତି।

# ବଢୁଛି ଦରଦାମ୍, ଏକ୍ସପାଏରି ପ୍ୟାକେଟ ଖାଦ୍ୟ ବିକ୍ରି

ପଦ୍ମପୁର,୧୯।୩

ମାରାତ୍ମକ କରୋନା ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ଏଭଳି ପରିସ୍ଥିତିର ସୁଯୋଗ ନେଇ କିଛି ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀକୁ ଗଚ୍ଛିତ ରଖି ଚଢ଼ାଦରରେ ବିକ୍ରି କରୁଥିବା ଜଣାପଡ଼ିଛି। ସେହିପରି ବଜାରରେ ସମୟସୀମା ସରିଯାଇଥିବା(ଏକ୍ସପାୟରି)ପ୍ୟାକେଟ୍ ଖାଦ୍ୟ ବିକ୍ରି କରାଯାଉଛି। ରାୟଗଡ଼ା ଜିଲା ପଦ୍ମପୁର ବଜାରରେ ଦେଖିବାକୁ ମିଳିଛି ଏପରି ପରିସ୍ଥିତି। ଭିଡ଼କୁ ନଜରରେ ରଖି ବଡ଼ବଡ଼ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ କରାଯାଇଥିବାବେଳେ ଲୋକେ ଅତ୍ୟାବଶ୍ୟକ ଜିନିଷ ନ ମିଳିବା ଆଶଙ୍କାରେ ବିଶେଷକରି ତେଜରାତି ଦୋକାନରେ ଭିଡ଼ ଜମାଉଛନ୍ତି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ସମୟସୀମା ସରିଯାଇଥିବା ବିସ୍କୁଟ, ତେଲ, ସାବୁନ୍ ଓ ମସଲା ସାମଗ୍ରୀ ବିକ୍ରି କରୁଛନ୍ତି। ପରିବା ବଜାରରେ ମଧ୍ୟ ସମାନ ସ୍ଥିତି। ଏଠାକୁ ବ୍ରହ୍ମପୁର, ରାୟଗଡ଼ା ଓ ଆନ୍ଧ୍ରରୁ ଆସୁଥିବା ଜିନିଷ ପୂର୍ବଭଳି ଆସୁ ନ ଥିବାରୁ ଦରଦାମ୍ ବଢ଼ିବାରେ ଲାଗିଛି। ସେହିଭଳି ଔଷଧ ଦୋକାନୀମାନେ ମାସ୍କ, ହ୍ୟାଣ୍ଡୱାଶ୍, ସାନିଟାଇଜର୍ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଗୋଟିଏ ମାସ୍କ ୩ଶହ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ କରୋନା ପାଇଁ କଟକଣା ରହିଥିବାରୁ ଶୁକ୍ରବାର ହାଟ ମଧ୍ୟ ପ୍ରଭାବିତ ହେବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଏହି ହାଟ ଉପରେ ଅଞ୍ଚଳର ଶହ ଶହ ଆଦିବାସୀ ଓ ହରିଜନ ଲୋକଙ୍କ ସମେତ ନିକଟସ୍ଥ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ତେବେ ସବୁଠି ଦରଦାମ୍ ବୃଦ୍ଧିକୁ ନେଇ ଲୋକେ ଚିନ୍ତାରେ ପଡ଼ିଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସରକାରୀ କର୍ମଚାରୀଙ୍କ ଖାମଖିଆଲ ମନୋଭାବ

ଜେକେପୁର,୧୯।୩ (ଡି.ଏନ୍.ଏ.)



ଆଶାକର୍ମୀ ଓ ଅଙ୍ଗନୱାଡ଼ି କର୍ମୀ ପୋଷ୍ଟର ଲଗାଉଛନ୍ତି ।

କରୋନା ମୁକାବିଲା ପାଇଁ କୁମୁଟିପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ଏକ ପ୍ରତିକାରାତ୍ମକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ହେଲେ ଏଠାରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ମଦନମୋହନ ନାୟକ ସଭାଗୃହକୁ ନ ଯାଇ ମୁହଁରେ ରୁମାଲ୍ ବାନ୍ଧି ବାହାରେ ରହିଥିଲେ। ସରପଞ୍ଚ ଓ ସ୍ୱାସ୍ଥ୍ୟକର୍ମୀଙ୍କ ତତ୍ତ୍ୱାବଧାନରେ ସଭା ଠିକ୍‌ଭାବେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଞ୍ଚାୟତର ସମସ୍ତ ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କୁ ନେଇ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଗ୍ରାମର ପ୍ରତ୍ୟେକ ଦୋକାନ, ମନ୍ଦିର, ହୋଟେଲ ତଥା ସ୍କୁଲ ହଷ୍ଟେଲରେ ପୋଷ୍ଟର ଲଗାଇଥିଲେ। ଏଭଳି ସ୍ଥଳେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ସହାୟତା ମାଗିବାରୁ ସେ ନିଜ ମୋବାଇଲ ବନ୍ଦ କରି 'ଫଟୋ ଉଠାଇ ଦେଲେ ହେଲା' ମନ୍ତବ୍ୟ ଦେଇ ଚାଲିଯାଇଥିଲେ। ରାଜ୍ୟ ସରକାର କରୋନା ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତ୍ୟେକ ପଞ୍ଚାୟତକୁ ୫ ଲକ୍ଷ ଟଙ୍କା ଦେଇଛନ୍ତି। ହେଲେ କୁମୁଟିପେଣ୍ଠ ପଞ୍ଚାୟତରେ ଏ ନେଇ ଖାମଖିଆଲ ମନୋଭାବ ଦେଖିବାକୁ ମିଳୁଛି। ନିର୍ବାହୀ ଅଧିକାରୀ ନାୟକ ଫୋନ୍ କଲେ କେବେ ଉଠାନ୍ତି ନାହିଁ ବୋଲି ସରପଞ୍ଚ ନାଲାମ୍ମା କୁଲେଶିକା କହିଛନ୍ତି। ଏ ନେଇ ରାୟଗଡ଼ା ଏବିଡିଓ ନୃସିଂହ ପଟ୍ଟନାୟକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟରେ କୌଣସି ସୁଧାର ପରିଲକ୍ଷିତ ହେଉନାହିଁ ବୋଲି ସେ କହିଛନ୍ତି। ସେହିପରି ଚାନ୍ଦିଲି ପଞ୍ଚାୟତରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତର କର୍ମଚାରୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ହେଲେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। କୌଣସି ସ୍ଥାନରେ ମଧ୍ୟ ପୋଷ୍ଟର କିମ୍ବା ସଚେତନତା ଭଳି କାର୍ଯ୍ୟକ୍ରମ ଦେଖିବାକୁ ମିଳୁନାହିଁ। ଅନେକ ଲୋକ ବାହାର ରାଜ୍ୟରୁ ଆସୁଥିଲେ ମଧ୍ୟ ସେମାନେ ଏଠାରେ ସଚେତନତା ବାର୍ତ୍ତା ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ପୂର୍ବରୁ ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଇଛି।

# ବିବାହ ଭୋଜିରେ ଚଢ଼ାଉ କଲା ପ୍ରଶାସନ

ରାୟଗଡ଼ା ଅଫିସ,୧୯।୩

ସବୁଠି କରୋନାକୁ ନେଇ ଲୋକେ ଆତଙ୍କିତ । ଏନେଇ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ତତ୍ପର ହୋଇ ଉଠିଛନ୍ତି । ସେଥିପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରା ଜାରି କରିଛନ୍ତି ୧୪୪ (୨)। ସହରରେ ଥିବା ସପିଂ ମଲ, ମନ୍ଦିର , ମସଜିଦ୍, ପାର୍କ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ଗୋଟିଏ ସ୍ଥାନରେ ଶହେରୁ ଊର୍ଦ୍ଧ୍ୱ ଲୋକ ଏକାଠି ନ ହେବା, ସଭା ସମିତି, ବିବାହ ଭୋଜି ବନ୍ଦ କରିବାକୁ ମଧ୍ୟ ପ୍ରଶାସନ ପକ୍ଷରୁ କୁହାଯାଇଛି। ହେଲେ ଏହାକୁ ବେଖାତିର କରି ରାୟଗଡ଼ା ସହରରେ ବିବାହ ଭୋଜିର ଆୟୋଜନ କରାଯାଇଛି । ଗୁରୁବାର ରାୟଗଡ଼ା ସହରର ଗୌତମ ନଗର ଓ ନେହେରୁ ନଗରରେ ଆୟୋଜିତ ବିବାହ ଭୋଜିରେ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ପରେ ୫ ଲୋକଙ୍କୁ ଭାଗ ଭାଗ କରି



ତହସିଲଦାର ଓ ପୋଲିସ ଆଲୋଚନା କରୁଛନ୍ତି ।

ଭିତରକୁ ଛାଡ଼ି ଭୋଜି ଖାଇବାର ସୁଯୋଗ ଦିଆଯାଇଥିଲା ।

ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାମ କରୁଥିବା ସବ ଡ଼ିଭିଜନାଲ ସୋସିଆଲ ସିକ୍ୟୁରିଟି ଅଫିସର ବିଏସଏନ ମୂର୍ତ୍ତିଙ୍କ ପୁଅ ରଞ୍ଜିତଙ୍କ ବିବାହ ଭୋଜି ଗୌତମ ନଗରରେ ଚାଲିଥିଲା । ଏଥିଲାଗି ପ୍ରାୟ ୧୦୦୦ ଲୋକଙ୍କ ପାଇଁ ଭୋଜି ଆୟୋଜନ କରାଯାଇଥିଲା। ଖବରପାଇ ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ତହସିଲଦାର ସୁନୀଲ ଖୋରା , ଟାଉନ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏତେ

**କଟକଣାକୁ ବେଖାତିର**

କଟକଣା ସତ୍ତ୍ୱେ କିପରି ଭୋଜିର ଆୟୋଜନ କରାଗଲା ବୋଲି ଅଧିକାରୀମାନେ ଜେରା କରିଥିଲେ। କରୋନା ନେଇ ଅବଗତ କରାଯିବା ପରେ ଉତ୍ସବକୁ ଆସିଥିବା ଅତିଥିଙ୍କ ମଧ୍ୟରୁ ୫୦ ଜଣ ଲେଖାଏଁ ଭୋଜି ଖାଇବାକୁ ସୁଯୋଗ ଦିଆଯାଇଥିଲା । ସାନିଟାଇଜର ଏବଂ ସଫାସୁତୁରା ପ୍ରତି ଧ୍ୟାନ ଦେବାକୁ କୁହାଯାଇଛି ବୋଲି ତହସିଲଦାର ବେହେରା କହିଛନ୍ତି। ସେହିପରି ଅନ୍ୟ ଏକ ବାହାଘର ଭୋଜି ନେହେରୁନଗରରେ ଆୟୋଜିତ ହୋଇଥିଲା । ଏଥିରେ ପୌର ପରିଷଦ ପକ୍ଷରୁ ବରିଷ୍ଠ ଅଧିକାରୀ ଚନ୍ଦ୍ରଶେଖର ରଥ , ପରିମଳ ନିରୀକ୍ଷକ ପି . ବାଲାରାଜୁ , ସହକାରୀ ଯନ୍ତ୍ରୀ ଦୀପକ ରଥ ପ୍ରମୁଖ ଚଢାଉ କରିଥିଲେ। ଏଠାରେ ଭାଗ ଭାଗ କରି ଲୋକଙ୍କୁ ଭୋଜି ଖାଇବାକୁ ଛଡ଼ାଯାଇଥିଲା ।